# ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟୀ ବୈଠକ ।

ଅନୁଗୋଳ,ତା.୧୩.୦୬.:- ଆସନ୍ତା ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସଠିକ୍ ମୁକାବିଲା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସଠିକ୍ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସମସ୍ତ ପ୍ରକାର ଆନୁସଙ୍ଗୀକ ବ୍ୟବସ୍ଥା ସହ ସଜାଗ ଓ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ଢେଙ୍କାନାଳ ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ରୀ ନିର୍ମଳ ଚନ୍ଦ୍ର ତ୍ରିପାଠୀ,ସମ୍ବଲପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ବୈଠକରେ କାର୍ଯ୍ୟସୂଚୀ ଉପସ୍ଥାପନ କରିବା ସହ ରାଜ୍ୟ ରିଲିଫ କମିଶନରଙ୍କ ନିର୍ଦ୍ଦେଶାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ବନ୍ୟା ସମୟରେ ଯେପରି କେହି ମୃତାହତ ନ ହୁଅନ୍ତି ଓ ଜନସାଧାରଣଙ୍କର ସର୍ବନିମ୍ନ କ୍ଷତି ହୁଏ ସେଥିପ୍ରତି ସମସ୍ତ ବିଭାଗୀୟ ଅଧିକାରୀ ଧ୍ୟାନ ଦେଇ କାର୍ଯ୍ୟ କରବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଆସନ୍ତା ମୌସୁମୀ ବର୍ଷା ପୂର୍ବରୁ ନଦୀ ଓ ନାଳ ଗୁଡିକର ସମସ୍ତ ପୁରୁଣା ଘାଇ ଗୁଡିକୁ ମରାମତି କରିବା ସହ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସଜାଗ ରହିବାକୁ ଜିଲ୍ଲାପାଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବର୍ଷା ଦିନ ପୂର୍ବରୁ ଜିଲ୍ଲାରେ ଥିବା ସମସ୍ତ ଡ୍ରେନ ଗୁଡିକୁ ପରିଷ୍କାର କରିବା, ଅପହଂଚ ଅଞ୍ଚଳ ଗୁଡିକରେ ପର୍ଯ୍ୟାପ୍ତ ଖାଦ୍ୟ ଶସ୍ୟ, ପଲିଥିନ,ଚୁଡା,ଗୁଡ,କିରୋସିନ ଓ ଚାଉଳ ମହଜୁଦ ରଖିବା ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ଚିହ୍ନଟ କରିବା ସହ ଉକ୍ତ ସ୍ଥାନରେ ଆବଶ୍ୟକ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମସ୍ତ ଉପଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ତହସିଲଦାରମାନେ ଆବଶ୍ୟକ ପଲିଥିନ ଗଛିତ ରଖିବାକୁ ପରାମର୍ଶ ଦିଆଯାଇଛି । ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଆଠମଲ୍ଲିକ ଓ କିଙ୍କରପଡା ଅଞ୍ଚଳକୁ ଆଗୁଆ ଗସ୍ତ କରି ସେଠାରେ ନିଜର ବିଭାଗ ତରଫରୁ ହେଉଥିବା ସମସ୍ତ ଆନୁସଙ୍ଗୀକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବନ୍ୟା ସମୟରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ସମ୍ପର୍କରେ ଅନୁଗୋଳ ଓ ଆଠମଲ୍ଲିକ ଉପଜିଲ୍ଲାପାଳ ତଳିଆ ଅଞ୍ଚଳଗୁଡିକୁ ଚିହ୍ନଟ କରି ୭ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନକୁ ଅବଗତ କରିବେ । ଧାର୍ମିକ ପୀଠ ଓ ପର୍ଯ୍ୟଟନ ସ୍ଥଳୀ ଗୁଡିକୁ ସଂଯୋଗ କରୁଥିବା ରାସ୍ତା ଓ ପୋଲ ଗୁଡିକ ପାଣିରେ ବୁଡି ରହୁଥିଲେ ଏହାକୁ ବନ୍ଦ କରି ଏହାର ଚତୁଃପାର୍ଶ୍ୱରେ ଅସ୍ଥାୟୀ ବ୍ୟାରିକେଡିଂ କରିବା ସହ ହୋର୍ଡିଂ ମାଧ୍ୟମରେ ସତର୍କ କରାଇବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆବଶ୍ୟକ ଦେଶୀ ଡଙ୍ଗା ଓ ପାୱାର ବୋଟ ଗୁଡିକୁ ପ୍ରସ୍ତୁତ ରଖିବାକୁ ସମସ୍ତ ତହସିଲଦାରମାନଙ୍କୁ ପରାମର୍ଶ ଦିଆଯାଇଛି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଦ୍ୱାରା ଜିଲ୍ଲାକୁ ପ୍ରଦାନ କରାଯାଇଥିବା ୫ ଟି ସରକାରୀ ବୋଟକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବ । ଏହାଛଡା ଜିଲ୍ଲାରେ ଥିବା ଘରୋଇ ବୋଟଗୁଡିକର ନିରାପତ୍ତା ବ୍ୟବସ୍ଥାକୁ ଯାଞ୍ଚ କରିବା ସହ ଏହାକୁ ପଞ୍ଜିକରଣ କରି ୭ ଦିନ ମଧ୍ୟରେ ଜଣାଇବାକୁ ସମସ୍ତ ଉପଜିଲ୍ଲାପାଳ ଓ ତହସିଲଦାରମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲା କାର୍ଯ୍ୟାଳୟ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ଉପଜିଲ୍ଲାପାଳ ଓ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ । କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା ଅଧିକାରୀମାନେ

ନିୟମିତ ବନ୍ୟା ସମ୍ପର୍କୀତ ଆଗୁଆ ସୂଚନା ଓ ବନ୍ୟା ବୁଲେଟିନ ଜିଲ୍ଲା କାର୍ଯ୍ୟାଳୟକୁ ପଠାଇବେ । ବର୍ଷା ମାପକ ଯନ୍ତ୍ରଗୁଡିକୁ ମରାମତି କରି ଏହାକୁ କାର୍ଯ୍ୟକ୍ଷମ କରିବା ସହ ଜିଲ୍ଲା ୱେବ୍ ସାଇଟ୍‌ରେ ନିୟମିତ ବର୍ଷା ଅନୁପାତ ଅପ୍‌ଲୋଡ କରିବା ଏବଂ ମୋବାଇଲ ହ୍ୱାଟସ୍‌ଅପ୍‌ରେ ବନ୍ୟା ସମ୍ପର୍କିତ ତଥ୍ୟ ଛାଡିବାକୁ ବିଭାଗୀୟ ଅଧିକାରୀମାନଂକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗୀୟ ଅଧିକାରୀମାନେ ବନ୍ୟା ସମୟରେ ଓ ପରେ ପ୍ରଭାବିତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଉଚ୍,ଟ୍ୟାଙ୍କର ଓ ଜାରକିନ ସାହାଯ୍ୟରେ ଯୋଗାଇ ଦେବେ । ବର୍ଷା ଦିନେ ସମସ୍ତ ନଳକୂପ ଓ ଅନ୍ୟାନ୍ୟ ଜଳ ଉତ୍ସ ଗୁଡିକୁ ବିଶୋଧନ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସବସେଣ୍ଟର ଗୁଡିକରେ ପର୍ଯ୍ୟାପ୍ତ ପରିମାଣର ବ୍ଲିଚିଂ ପାଉଡର,ହାଲୋଜେନ ବଟିକା, ଓ ଆର ଏସ୍ ପ୍ୟାକେଟ ଓ ଜୀବନ ରକ୍ଷାକାରୀ ଔଷଧ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି । ଏହାଛଡା ସାପ କାମୁଡା ଓ ସ୍ୱାସ୍ଥ୍ୟ ସମ୍ପର୍କୀତ ବିଭିନ୍ନ ସଚେତନତା ସୂଚନା ଜନସାଧାରଣଂକ ଉଦ୍ଦେଶ୍ୟରେ ପ୍ରଚାର ଓ ପ୍ରସାର କରିବାକୁ ପରାମର୍ଶ ଦିଆଯାଇଛି । ଅଗ୍ନି ନିର୍ବାପକ ସଂସ୍ଥା ତାର ଜରୁରୀକାଳିନ ଟେଲିଫୋନ ନମ୍ବରକୁ ଜନସାଧାରଣଂକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି । ବନ୍ୟା ସମୟରେ ରିଲିଫ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ବିଭିନ୍ନ ସ୍କୁଲ କଲେଜର ଏନ ସି ସି କ୍ୟାଡେଟ,ସ୍ୱେଛାସେବୀ,ବେସାମରିକ ପ୍ରତିରକ୍ଷା ବାହିନୀକୁ ନେଇ ଗଠିତ ରିଲିଫ ଦଳକୁ ପ୍ରସ୍ତୁତ କରିବା ସହ ସେମାନଙ୍କୁ ତାଲିମ ପ୍ରଦାନ କରିବାକୁ ସମସ୍ତ ଉପଜିଲ୍ଲାପାଳମାନଂକୁ ପରାମର୍ଶ ଦିଆଯଇଛି । ଜିଲ୍ଲା ପଶୁ ସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟ ଓ ଔଷଧ ଗଛିତ ରଖିବା ସହ କୃଷି ବିଭାଗ ଦ୍ୱାରା ପର୍ଯ୍ୟାପ୍ତ ପରିମାଣର ବିହନ ଓ ସାର ଗଛିତ ରଖାଯିବ ଯାହାକି ବନ୍ୟା ପରେ ତୁରନ୍ତ ଚାଷୀମାନଙ୍କୁ ପ୍ରଦାନ କରାଯିବ । ବନ୍ୟା ପ୍ରଭାବିତ ଅଂଚଳରେ ଅସ୍ଥାୟୀ ପୋଲିସ ଓୟାରଲେସ୍ ଷ୍ଟେସନ ଓ ଅସ୍ଥାୟୀ ଟେଲିଫୋନ ଲଗାଯିବା ସହ ଜୁନ୍ ୧ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ ହେଉଛି । ଜିଲ୍ଲା ଆପାତକାଳିନ କାର୍ଯ୍ୟାଳୟରେ ଟୋଲ ଫି ନମ୍ବର-୧୦୭୭ ସହ (୦୬୭୬୪) ୨୩୪୨୧୮ ଓ ୨୩୦୯୮୩ ରେ ବନ୍ୟା ସମ୍ପର୍କୀତ ସମସ୍ତ ଖବର ଉପଲବଧ ହୋଇପାରିବ । ବର୍ଷାଦିନ ପୂର୍ବରୁ ଆଠମଲ୍ଲିକ ଏନ୍ ଏ ସି ସମେତ ବ୍ଲକ୍‌ଅଂଚଳରେ ଥିବା ସମସ୍ତ ଡ୍ରେନଗୁଡିକୁ ସଫାକରି ଜଳ ନିଷ୍କାସନ ପଥ ପରିଷ୍କାର କରିବାକୁ ସମ୍ପୃକ୍ତ ଅଧିକାରୀଂକୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ପରେ ବିଦ୍ୟୁତ୍, ଟେଲିଫୋନ ଓ ଗମନାଗମନ ଭଳି ଅତ୍ୟାବଶ୍ୟକୀୟ ସେବାକୁ ଯୁଦ୍ଧକାଳିନ ଭିତ୍ତିରେ ପୁନରୁଦ୍ଧାର କରିବାକୁ ବିଭାଗୀୟ ଅଧିକାରୀମାନଂକୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ସମୟରେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସିଭିଲ ସୋସାଇଟି,ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଂଚାୟତିରାଜ ବିଭାଗର କର୍ମକର୍ତ୍ତାମାନଂକ ସହ ସମନ୍ୱୟ ରକ୍ଷି କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଂକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକରେ ଚଳିତ ୨୦୧୯ ବର୍ଷ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାଛଡା ରାଜ୍ୟ ରିଲିଫ କମିଶନରଂକ ନିର୍ଦ୍ଦେଶକ୍ରମେ ଚଳିତ ମାସ ୧୯ ତାରିଖରେ ଜିଲ୍ଲା ସଦର,ମହକୁମା ସମେତ ପ୍ରତି ବ୍ଲକ୍ ସଦର ମହକୁମାରେ ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି । ଆଠମଲ୍ଲିକର ଅଧିକାଂଶ ଗ୍ରାମ ମହାନଦୀର ଅବବାହିକାରେ ରହୁଥିବାରୁ ଏଠାରେ ୩ଟି ବନ୍ୟା/ବାତ୍ୟା ଆଶ୍ରୟ ସ୍ଥଳ ପ୍ରତିଷ୍ଠା କରିବା ନିମନ୍ତେ ଆଠମଲ୍ଲିକ ବିଧାୟକ ପ୍ରସ୍ତାବ ଦେଇଛନ୍ତି । ବନ୍ୟା ସମୟରେ ପ୍ରତ୍ୟେକ ଦିନ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ରିପୋର୍ଟ ପଠାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ବନ୍ୟା ପରିସ୍ଥିତିର ସଠିକ୍ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ

କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ପାଲଲହଡା ଉପଜିଲ୍ଲାପାଳ ଶ୍ରୀ ଅଜିତ୍ କୁମାର ପ୍ରଧାନ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ବଇତୁରା ଦିପଙ୍କ ସମେତ ବିଭିନ୍ନ ପଂଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତହସିଲଦାର ଏବଂ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଡି ପି ଓ ଶ୍ରୀ ପ୍ରଦୋଶ କୁମାର ଶତପଥି ପାୱାର ପଏଣ୍ଟ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବାଲି ଓ ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ।

